## ୧୨୫୦୦ ଟଙ୍କା ଜରିମାନା ଆଦାୟ

**ନିରାକାରପୁର,(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କେତେଜଣ ଅମାନିଆ କୋଭିଡ୍ ଗାଇଡ୍‌ଲାଇନକୁ ମାନୁ ନ ଥିବା ଦେଖିବାକୁ ମିଳୁଛି। ପୋଲିସ ଓ ରାଜସ୍ୱ ବିଭାଗ କର୍ମଚରୀ ଶୁକ୍ରବାର ଓ ଶନିବାର ନିରାକାରପୁର ବଜାରରେ ଯାଞ୍ଚ କରିବା ସହ ମାସ୍କ ପିନ୍ଧି ନ ଥିବା ବ୍ୟକ୍ତିଙ୍କଠାରୁ ମୋଟ୍ ୧୨ହଜାର ୫ଶହ ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ଏହି ଯାଞ୍ଚ କଡ଼ାକଡ଼ି କରାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।



**ସଂକ୍ଷେପରେ**

### ଭବାନୀ ଶଙ୍କର ମହାନ୍ତିଙ୍କ ପରଲୋକ

**ଭୁବନେଶ୍ୱର, ୧୨।୯ (ବ୍ୟୁରୋ):** ସାମାଜିକ କର୍ମୀ ତଥା ଯୁବ ବ୍ୟବସାୟୀ ପଟିଆର ଭବାନୀ ଶଙ୍କର ମହାନ୍ତିଙ୍କ ପରଲୋକ ଘଟିଛି। ତାଙ୍କୁ ୪୯ବର୍ଷ ବୟସ ହୋଇଥିଲା। ସେ ଜଣେ ପରୋପକାରୀ ଓ ଲୋକପ୍ରିୟ ବ୍ୟକ୍ତି ହୋଇଥିବାରୁ ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରବିବାର ତାଙ୍କ ପଟିଆସ୍ଥିତ ବାସଭବନରେ କୋଭିଡ୍ ଗାଇଡ୍‌ଲାଇନ୍ ଅନୁସାରେ ଏକାଦଶାହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ପରିବାର ପକ୍ଷରୁ କୁହାଯାଇଛି।

### ଯୌତୁକ ପାଇଁ ମହିଳାଙ୍କୁ ନିର୍ଯାତନା

**ନିମାପଡ଼ା,୧୨।୯(ଡି.ଏନ୍.ଏ.):** ନିମାପଡ଼ା ଥାନା ଅନ୍ତର୍ଗତ ଜଅଁରା ଗ୍ରାମର ମୀନତି ସାହୁଙ୍କୁ ୨ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ଶାଶୁଘର ଲୋକେ ନିର୍ଯାତନା ଦେଉଥିବା ଶୁକ୍ରବାର ଅଭିଯୋଗ ହୋଇଛି। ୨୦୧୮ମସିହାରେ ମୀନତି ଜଅଁରା ଗ୍ରାମର ତୋଫାନ ପରିଡାଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ୨ଲକ୍ଷ ଟଙ୍କା, ସୁନାଅଲଙ୍କାର, ଆସବାବପତ୍ର ଦିଆଯାଇଥିଲା। ବିବାହର କିଛିଦିନ ପରେ ଶାଶୁଘର ଲୋକେ ମିନତୀଙ୍କୁ ବାପଘରୁ ଆଉ ୨ଲକ୍ଷ ଟଙ୍କା ଆଣିବାକୁ କହିଥିଲେ। ସେ ଏଥିରେ ଅରାଜି ହେବାରୁ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ସହ ମାରିଦେବାକୁ ଧମକ ଦେଉଛନ୍ତି ବୋଲି ମୀନତି ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ନେଇ ପୋଲିସ ୪ଜଣଙ୍କ ବିରୋଧରେ ମାମଲା (ନଂ.୨୧୬/୨୦) ରୁଜୁକରି ତଦନ୍ତ ଚଳାଇଛି।

### ନ୍ୟାୟ୍ ଅପେକ୍ଷାରେ ମା, ପୁଅ

**ବାଲିପାଟଣା,୧୨।୯(ଡି.ଏନ୍.ଏ.):** ବାଲିପାଟଣା ଥାନା ଅଧୀନ ବାରିଜଙ୍ଗ ଗ୍ରାମର ଅନ୍ନପୂର୍ଣ୍ଣା ମହାପାତ୍ର ଓ ତାଙ୍କ ପୁଅ ଜଗନ୍ନାଥ ନ୍ୟାୟ୍ ପାଇଁ ଥାନା ନିକଟ ହାଟ ପିଣ୍ଡିରେ ୪ଦିନ ହେବ ବସି ରହିଛନ୍ତି। ସୂଚନା ଅନୁଯାୟୀ. ଅନ୍ନପୂର୍ଣ୍ଣାଙ୍କ ସ୍ୱାମୀ ରବୀନ୍ଦ୍ର ମହାପାତ୍ର ତାଙ୍କୁ ଓ ପୁଅ ଜଗନ୍ନାଥର ଦାୟିତ୍ୱ ନେଉନାହାନ୍ତି। ଏହା ସହ ରବୀନ୍ଦ୍ର ତାଙ୍କୁ ନିର୍ଯାତନା ଦେବା ସହ ମାରିଦେବାକୁ ଯୋଜନା କରିଥିଲେ ବୋଲି ଅନ୍ନପୂର୍ଣ୍ଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ବାଲିପାଟଣା ଥାନାର ତଦନ୍ତ ଅଧିକାରୀ ହାଡ଼ିବନ୍ଧୁ ଦାସ କହିଛନ୍ତି, ତାଙ୍କ ସ୍ୱାମୀଙ୍କୁ ଡାକି ଆପୋସବୁଝାମଣା କରାଯାଇଛି। ସେ ତାଙ୍କ ଦ୍ୱିତୀୟ ସ୍ତ୍ରୀ ହୋଇଥିବାରୁ ପାରିବାରିକ ଅଶାନ୍ତିକୁ ଦୃଷ୍ଟିରେ ରଖି ବାହାରେ ଘରଭଡାର ସମସ୍ତ ଖର୍ଚ୍ଚ ଦେବାପାଇଁ କୁହାଯାଇଥିଲା। ହେଲେ ରବୀନ୍ଦ୍ର ଦାୟିତ୍ୱ ନ ନେବାରୁ ସମ୍ପୃକ୍ତ ମହିଳା ଓ ତାଙ୍କ ପୁଅ ନ୍ୟାୟ୍ ପାଇବା ପାଇଁ ହାଟ ପିଣ୍ଡିରେ ବସି ରହିଛନ୍ତି। ଏହା ଏକ ସିଭିଲ ଘଟଣା ହୋଇଥିବାରୁ ଆମେ ଏଥିରେ ବିଶେଷ ହସ୍ତକ୍ଷେପ କରିପାରିବୁ ନାହିଁ ବୋଲ ଥାନା ଅଧିକାରୀ ରାଧାକାନ୍ତ ସାହୁ କହିଛନ୍ତି।

# ଆଉ ଶୁଭିବନି ଖୁମ୍ପିଦେଲୁ...ଧେ...ତ୍

*'ନାଁ ଟା ତା'ହେଲେ ମିନା... ଭଲ ନାଚିଲ..., ଖୁମ୍ପି ଦେଲୁ...ଭଲ କଲୁ...ଧେ...ତ୍।' ୯୦ ଦଶକରେ ଯାତ୍ରା ଜଗତରେ ଛାଇ ହୋଇଯାଇଥିବା ଭିଲେନ ଭିକୁ ସେଠ୍‌ଙ୍କ ଏହି ଦମ୍‌ଦାର ସଂଳାପକୁ କିଏ ବା ଭୁଲିପାରିବ। 'ଶାଗୁଣା ବସିଛି ଡେଣା ମେଲାଇ' ଯାତ୍ରାର ଏହି ଡାଏଲଗ୍‌କୁ ଆଜି ବି ଦର୍ଶକ ସେହି ସ୍ୱର ଓ କଣ୍ଠରେ କହୁଛନ୍ତି। ହେଲେ ଏହି ସଂଳାପ ପଛର ମୁଖ୍ୟ ଚରିତ୍ର ଜଣକ ଆଜି ଆମ ଗହଣରେ ନାହାନ୍ତି। ଭିକୁ ସେଠ୍ ନାମରେ ପରିଚିତ ମହେନ୍ଦ୍ର ଦାଶ ଲକ୍ଷ ଲକ୍ଷ ପ୍ରଶଂସକଙ୍କୁ ଛାଡ଼ି ଶନିବାର ଆରପାରିକୁ ଚାଲିଯାଇଛନ୍ତି। ତେବେ ତାଙ୍କର ସେହି ଅଭୁଲା ଡାଏଲଗ୍ ଆଉ ଶୁଭିବନି। ହେଲେ ତାଙ୍କର ସେହି ଜୀବନ୍ତ ଅଭିନୟ ଓ ସଂଳାପ ତାଙ୍କୁ ଚିରକାଳ ପାଇଁ ଅମର କରି ରଖିବ।*

### ଶାଗୁଣା ଦେଇଥିଲା ପରିଚୟ

ସଚ୍ଚି ଦାସଙ୍କ ନିର୍ଦ୍ଦେଶିତ ଜନତା ଗଣନାଟ୍ୟର 'ଶାଗୁଣା ବସିଛି ଡେଣା ମେଲାଇ' ଯାତ୍ରାରେ ଭିକୁ ସେଠ୍ ଚରିତ୍ରରେ ଅଭିନୟ କରି ମହେନ୍ଦ୍ର ଦାଶ ରାତାରାତି ଯଲିଉଡ୍‌ର ଷ୍ଟାର୍ ଖଳନାୟକ ପାଲଟିଥିଲେ। ଡିମାଣ୍ଡ ଏତେ ବଢ଼ିଗଲା ଯେ, ସବୁଥିରେ ତାଙ୍କୁ ଖୋଜାପଡ଼ିଲା। ଲୋକେ ତାଙ୍କୁ ଭିକୁ ସେଠ୍ ନାମରେ ଜାଣିଲେ। ଏହାପରେ ମହେନ୍ଦ୍ର ଯେଉଁଠାକୁ ବି ଯାଉଥିଲେ ସେଠାରେ 'ଶାଗୁଣା ଆସିଲା' ବୋଲି ଚର୍ଚ୍ଚା ହେଉଥିଲା। ଗାଁ ଡ୍ରାମାରୁ ଅଭିନୟ ଜୀବନ ଆରମ୍ଭ କରିଥିବା ମହେନ୍ଦ୍ରଙ୍କ ଅଭିନୀତ ଏହି ନାଟକ ଯାତ୍ରା ଇତିହାସରେ ଆଜି ବି ଏକ ମାଇଲଷ୍ଟୋନ ହୋଇରହିଛି। ୨୯ ବର୍ଷ ତଳର ଏହି ନାଟକ ଏବେ ବି ଦର୍ଶକଙ୍କ ମନକୁ ବାନ୍ଧି ରଖିଥିବାବେଳେ ସେ ସମୟରେ ଶାଗୁଣାକୁ ନେଇ ଅନେକ ଯାତ୍ରାପାର୍ଟି ନାଟକ ମଞ୍ଚସ୍ଥ କରିଥିଲେ। ମହେନ୍ଦ୍ର ଯେଉଁ ପାର୍ଟିକୁ ଯାଉଥିଲେ ସେଠାରେ ଶାଗୁଣାକୁ ନେଇ ନାଟକର ସଂଳାପ ଲେଖାଯାଉଥିଲା। ଗୌରୀ ଗଣନାଟ୍ୟର 'ଏ କୋଉ ଯୁଗର ଶାଗୁଣା', କଳିଙ୍ଗ ଗଣନାଟ୍ୟର 'ପୁଣି ଶାଗୁଣା ଫେରିଲା', ଯାତ୍ରା ବିଶ୍ୱଜନନୀର 'ଶାଗୁଣା ଯାଉଛି ଶ୍ୱଶୁର ଘର', ବାଣେଶ୍ୱରୀ ଗଣନାଟ୍ୟର 'ଶାଗୁଣାର ପୁଣି ବାସର ରାତି' ନାମରେ ମଞ୍ଚସ୍ଥ ହୋଇଥିଲା ଓ ପ୍ରତିଥର ଭିକୁ ସେଠ୍‌ଙ୍କ ଅଭିନୟ ଦର୍ଶକଙ୍କ ହୃଦୟ ଜିଣୁଥିଲା।



### ଡାଏଲଗ୍ କିଙ୍ଗ୍

ଯାତ୍ରା ଜଗତରେ ସବୁବେଳେ ଚ୍ୟାଲେଞ୍ଜ ସୃଷ୍ଟି କରୁଥିଲେ ମହେନ୍ଦ୍ର। କେତେବେଳେ ତାଙ୍କୁ କେଉଁ ରୂପରେ ଷ୍ଟେଜ୍‌ରେ ଦେଖିବାକୁ ମିଳୁଥିଲା ତାହା କହିବା ମୁସ୍କିଲ ହୋଇପଡୁଥିଲା। ତେବେ ଟେଲିଭିଜନ ଓ ଇଣ୍ଟରନେଟ୍ ଯୁଗର ପ୍ରବେଶ ପରେ ଯାତ୍ରାର ଲୋକପ୍ରିୟତା କମିଥିଲେ ମଧ ମହେନ୍ଦ୍ରଙ୍କ ଡାଏଲଗ୍ କିନ୍ତୁ ସବୁବେଳେ ଚର୍ଚ୍ଚାରେ ରହିଆସିଥିଲା। ବିଶେଷକରି ଯୁବବର୍ଗଙ୍କ ମଧ୍ୟରେ ତାଙ୍କ ପ୍ରତିଟି ନାଟକର ଡାଏଲଗ୍ ବେଶ୍ ଆଦୃତ ହୋଇଥିଲା। ଏପରି କି ଟିକ୍‌ଟକ୍‌ରେ ଭିକୁ ସେଠ୍‌ଙ୍କ ସଂଳାପକୁ ନେଇ ସେମାନେ ଭଳିକି ଭଳି ଭିଡ଼ିଓ କରୁଥିଲେ। 'ନାଁ ଟା ତା'ହେଲେ ମୀନା, ଭଲ ନାଚିଲ, ଖୁମ୍ପିଦେଲୁ, ପୁଣି ମୋତେ, ଭଲ କଲୁ। ହେଲେ ତୋର ଏ ଖୁମ୍ପାଟା ମୋ ମନର ଲେନ୍ସ ଭିତରେ ଗୋଟେ ଗାର ହୋଇ ରହିଗଲା' ଭଳି ସଂଳାପ ଟିକ୍‌ଟକ୍‌ରେ ବେଶ୍ ଚହଳ ପକାଇଥିଲା।

### ସିନେମା ମୋହ ଆକର୍ଷିତ କରିପାରି ନ ଥିଲା

ଭିକୁ ସେଠ୍ ଓରଫ ମହେନ୍ଦ୍ର ଦାଶ ଖଳନାୟକଭାବେ ଏତେ ଲୋକପ୍ରିୟ ହୋଇଥିଲେ ଯେ ପ୍ରଯୋଜକ ବସନ୍ତ ନାୟକ ତାଙ୍କୁ ଓଡ଼ିଆ ଚଳଚ୍ଚିତ୍ରରେ ସୁଯୋଗ ଦେଇଥିଲେ। ହର ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ହୋଇଥିବା ସିନେମା 'ଯଶୋଦା'ରେ ମହେନ୍ଦ୍ର ଦାସ ଖଳନାୟକ ଭୂମିକାରେ ଅଭିନୟ କରିଥିଲେ। 'ଶାଗୁଣା ବସିଛି ଡେଣା ମେଲାଇ' ନାଟକର ବହୁଚର୍ଚ୍ଚିତ ସଂଳାପ 'ଧେ...ତ୍'କୁ 'ଯଶୋଦା' ସିନେମାରେ ଦୋହରାଇଥିଲେ ମହେନ୍ଦ୍ର। ତାଙ୍କ ପାଇଁ ଏହି ସିନେମା ବେଶ୍ ହିଟ୍ ହୋଇଥିଲା। ତେବେ ଓଡ଼ିଆ ସିନେମା ଓ କିଛି ଭଜନରେ ଅଭିନୟ କରିଥିଲେ ମଧ ସେ ସିନେମା ମୋହରେ ପଡ଼ି ନ ଥିଲେ। ଯାତ୍ରା ମୋହ ତାଙ୍କୁ ପୁଣିଥରେ ମଞ୍ଚକୁ ଫେରାଇ ଆଣିଥିଲା। ରାତିରେ ରଙ୍ଗ ପାଉଡର ମାରି ଲୋକଙ୍କ ମନୋରଞ୍ଜନ କରିବାକୁ ସେ ଅଧିକ ଭଲ ପାଉଥିଲେ।

### ଯାତ୍ରା ଜଗତର ଯାତ୍ରା

'ଆକାଶ କଇଁଆ ଚିଲିକା ମାଛ' ନାଟକରୁ ଯାତ୍ରା ଜଗତରେ ପାଦ ଦେଇଥିଲେ ମହେନ୍ଦ୍ର। ଏହାପରେ ସେ 'କନ୍ୟାଦାନ ମହାପୁଣ୍ୟ', 'ଅନ୍ଧ ଦେଶେ ଗଲି ଦର୍ପଣ ବିକି', 'ତୁ ଥା ମୁଁ ଯାଉଛି ରୁଷି', 'ପୁଣି ଶାଗୁଣା ଫେରିଛି', 'ନଖି ନାନୀ ପୁଅ ଭଗିଆ', 'କହ ଗୌର ଦାସ କାହାର ଦୋଷ', 'କାଳିଆ ଆଖିରେ ଲୁହ', 'ଭକ୍ତ ସାଲବେଗ', 'ବଳାତ୍କାର' ଭଳି ଅନେକ ଲୋକପ୍ରିୟ ନାଟକ ପାଇଁ ସେ ଚର୍ଚ୍ଚିତ ହୋଇଥିଲେ। ଦୀର୍ଘ ବର୍ଷର ଯାତ୍ରା ଜୀବନରେ ମହେନ୍ଦ୍ର ଅନେକ ସଫଳ ଓ ଚର୍ଚ୍ଚିତ ନାଟକରେ ଅଭିନୟ କରିଥିଲେ। କଳିଙ୍ଗ, ଧଉଳି, ଗୌରୀ, ତୁଳସୀ, ସାତଶଙ୍ଖ, ଯାତ୍ରା ସୋମାନାଥ, ପୃଥୀ ଅପେରା ଭଳି ଯାତ୍ରା ଅନୁଷ୍ଠାନରେ ସେ ନିଜ ପ୍ରତିଭା ଦେଖାଇଥିଲେ।

**ରିପୋର୍ଟ: ସସ୍ମିତା ପାଇକରାୟ, ଭୁବନେଶ୍ୱର**

### ନିର୍ଯାତନାର ଶିକାର ୫ ଶ୍ରମିକ ଉଦ୍ଧାର

**ପୁରୀ ଅଫିସ,୧୨।୯**

ପୁରୀ ଜିଲ୍ଲାରୁ ବାହାରକୁ କାମ କରିବାକୁ ଯାଇ ନିର୍ଯାତନାର ଶିକାର ହୋଇଥିବା ୫ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହଯୋଗରେ ଉଦ୍ଧାର ହୋଇଥିବା ଏହି ଶ୍ରମିକମାନେ ହେଲେ ଚନ୍ଦନପୁର ଥାନା ଖଣ୍ଡିଘର ଅଞ୍ଚଳର। ଏହି ୫ଜଣ ତାମିଲନାଡୁକୁ କାମ କରିବାକୁ ଯାଇ ସେଠାରେ ନିର୍ଯାତନାର ଶିକାର ହୋଇଥିଲେ। ପରିବାର ଲୋକଙ୍କ ଅଭିଯୋଗକ୍ରମେ ସେମାନଙ୍କୁ ଉଦ୍ଧାର କରାଯାଇ ଓଡ଼ିଶା ଫେରାଇ ଅଣାଯାଇଛି। ସୂଚନା ଅନୁଯାୟୀ, ଖଣ୍ଡିଘରର ସୁବ୍ରତ ନାୟକ, ସୁକାନ୍ତ ସ୍ୱାଇଁ, ରଜତ ନାୟକ, ବଳରାମ ସ୍ୱାଇଁ ଓ ପ୍ରଭାତ ପ୍ରଧାନ ତାମିଲନାଡୁର ପୋନେରୀସ୍ଥିତ ଏକ ଔଷଧ କମ୍ପାନୀକୁ କାମ କରିବା ପାଇଁ ଯାଇଥିଲେ। କିନ୍ତୁ ସେଠାରେ ଔଷଧ କମ୍ପାନୀ ବଦଳରେ ଏକ ୱେଲଡିଂ କାମ କରିବାକୁ ସେମାନଙ୍କୁ ବାଧ କରାଯାଇଥିଲା। ଏକ କୋଠରି ଭିତରେ ଆବଦ୍ଧ କରି ରଖାଯାଇଥିଲା। ଏପରି କି ଗତ ୨ ଦିନ ହେବ ସେମାନଙ୍କୁ କିଛି ଖାଇବାକୁ ଦିଆଯାଇ ନ ଥିଲା। ଏ ନେଇ ସେମାନେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାରଙ୍କ ଅଭିଯୋଗକ୍ରମେ ଜିଲ୍ଲା ଦୌରାଜଜ୍ ବିଦ୍ୟୁତ୍ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସେଠାକାର ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହଯୋଗରେ ୫ଜଣଙ୍କୁ ଉଦ୍ଧାର କରାଯାଇଛି।

## କରୋନାକୁ ହରାଇଲେ ୮୭ ବର୍ଷୀୟ ପୁରୁଷ



**ଭୁବନେଶ୍ୱର, ୧୨।୯ (ବ୍ୟୁରୋ)**

କରୋନା ମହାମାରୀକୁ ହରାଇଛନ୍ତି ୮୭ ବର୍ଷୀୟ କୃପାସିନ୍ଧୁ ସାହୁ। ସେ ଭୁବନେଶ୍ୱରସ୍ଥିତ ସମ୍ କୋଭିଡ ହସ୍ପିଟାଲ୍ ଓ ସମ୍ ଅଲ୍ଟିମେଟ୍ ମେଡିକେୟାରରେ ଚିକିତ୍ସିତ ହେବା ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବରିଷ୍ଠ ନାଗରିକ ସଂଘର ସଭାପତି ଥିବା କୃପାସିନ୍ଧୁ କିଛିଦିନ ତଳେ କରୋନାରେ ସଂକ୍ରମିତ ହୋଇଥିଲେ। ଗୁରୁତର ଅବସ୍ଥାରେ ସେ ସମ୍ କୋଭିଡ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ। ସେ ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରିବା ସହ ତାଙ୍କ ଛାତିରେ ମଧ ସଂକ୍ରମଣ ଥିଲା। ଫଳରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କ ଚିକିତ୍ସା ଓ ଯତ୍ନ ଫଳରେ ୭ ଦିନ ମଧ୍ୟରେ ସେ କରୋନାମୁକ୍ତ ହୋଇଥିଲେ। ଏହାପରେ ମଧ ତାଙ୍କର ସ୍ୱାସ୍ଥ୍ୟଜନିତ ଅନ୍ୟାନ୍ୟ କିଛି ସମସ୍ୟା ରହିଥିଲା। ତେଣୁ ତାଙ୍କ ଛାତିରେ ଥିବା ସଂକ୍ରମଣ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟାରୁ ଆରୋଗ୍ୟ ହେବା ପାଇଁ ତାଙ୍କୁ ସମ୍ ଅଲ୍ଟିମେଟ୍ ମେଡିକେୟାରରେ ଭର୍ତ୍ତି କରାଯାଇଥିଲା। କ୍ରିଟିକାଲ୍ କେୟାର ବିଭାଗ, ହୃଦ୍‌ରୋଗ ବିଭାଗ ଏବଂ ଆଇସିୟୁର ଡାକ୍ତର, ନର୍ସ ଏବଂ ଅନ୍ୟାନ୍ୟ ପାରାମେଡିକ୍ସଙ୍କର ଯତ୍ନ ଓ ଉତ୍ତମ ଚିକିତ୍ସା ଫଳରେ ସେ ସମ୍ପୂର୍ଣ୍ଣ ସୁସ୍ଥତା ଲାଭ କରିଥିବା ସେ କହିଛନ୍ତି।

## ଲକ୍ଷେ ହରାଇଲେ ପୋଲିସ ଇନ୍ସପେକ୍ଟର

**ଭୁବନେଶ୍ୱର,୧୨।୯(ବ୍ୟୁରୋ)**

ରାଜ୍ୟରେ ଏବେ ବଡ଼ ବଡ଼ ସାଇବର ଠକେଇ ହେଉଛି। ସାଇବର ଠକମାନେ ବାହାରେ ରହି ନେଟ୍‌ୱର୍କ ଚଳାଉଥିବାରୁ ଓଡ଼ିଶା ପୋଲିସ ସେମାନଙ୍କ ପାଖରେ ପହଞ୍ଚିପାରୁନି। ଏବେ କମିଶନରେଟ ପୋଲିସର ଖୋଦ୍ ଜଣେ ପୋଲିସ ଅଧିକାରୀ ଠକେଇର ଶିକାର ହୋଇଛନ୍ତି। ଜୟଦେବବିହାରସ୍ଥିତ ଜିଏ କ୍ୱାର୍ଟର୍ସରେ ରହୁଥିବା ଇନ୍ସପେକ୍ଟର ବିନୋଦିନୀ ନାୟକ ୧ଲକ୍ଷ ହରାଇଛନ୍ତି। ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀରେ କାର୍ଯ୍ୟ କରୁଥିବା ବିନୋଦିନୀ ଏନେଇ ନୟାପଲ୍ଲୀ ଥାନାରେ ଏକ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବିନୋଦିନୀ ଗତ ୯ ତାରିଖ ରାତି ୭ଟାରେ ଅନ୍‌ଲାଇନ୍‌ରେ ଖାଦ୍ୟ ଯୋଗାଉଥିବା ଏକ ପ୍ରମୁଖ ସଂସ୍ଥାରୁ ଖାଦ୍ୟ ଅର୍ଡର କରିଥିଲେ। ଏଥିଲାଗି ସେ ଫୋନ୍‌ପେ'ରେ ୩୮୬ ଟଙ୍କା ଅନ୍‌ଲାଇନ୍ ପେମେଣ୍ଟ କରିଥିଲେ। ହେଲେ ନିର୍ଦ୍ଧାରିତ ରାତି ୮ଟା ୩୦ ସୁଦ୍ଧା ଖାଦ୍ୟ ତାଙ୍କ ଘରେ ପହଞ୍ଚି ନ ଥିଲା। ଏହାପରେ ତାଙ୍କ ମେଲ୍ ଆଇଡିକୁ ଏକ ମେସେଜ ଆସିଥିଲା। ସେଥିରେ ଅର୍ଡର କ୍ୟାନସଲ ହୋଇଥିବା ସୂଚନା ଦିଆଯାଇଥିବାବେଳେ ପ୍ରୋସେସିଂ ପାଇଁ ୧୯୩ ଟଙ୍କା କଟିଛି ଓ ବାକି ଟଙ୍କା ଆକାଉଣ୍ଟକୁ ଫେରିଯିବ ବୋଲି ଲେଖାଯାଇଥିଲା। ହେଲେ ଟଙ୍କା ଆକାଉଣ୍ଟକୁ ନ ଫେରିବାରୁ ସେ ଉକ୍ତ ଅନ୍‌ଲାଇନ୍ ଡେଲିଭେରି ସଂସ୍ଥାର ଅଫିସିଆଲ ଫୋନ୍ ନମ୍ବରକୁ ଯୋଗାଯୋଗ କରିଥିଲେ। କଲ୍ ଉଠାଇଥିବା ବ୍ୟକ୍ତି ଜଣକ ସଂସ୍ଥାର ମୁଖ୍ୟଙ୍କୁ ଫୋନ୍ କଲ ଡାଇଭର୍ଟ କରିଥିଲେ। ବିନୋଦିନୀ ତାଙ୍କ ସହ କଥାହେବା ପରେ ପରାମର୍ଶ ଅନୁଯାୟୀ ସେ ଏକ କୋଡ୍‌କୁ ଅନ୍ୟ ଏକ ଫୋନ୍ ନମ୍ବରକୁ ପଠାଇଥିଲେ। ଏହାପରେ ତାଙ୍କ ଆକାଉଣ୍ଟରୁ ପ୍ରଥମେ ୨୪ ହଜାର ଟଙ୍କା କଟିଯାଇଥିଲା। ସେ ଆକାଉଣ୍ଟ ବନ୍ଦ କରିବା ପାଇଁ ତୁରନ୍ତ ଏସ୍‌ବିଆଇ ଟୋଲ ଫ୍ରି ନମ୍ବରକୁ କଲ୍ କରିଥିଲେ ମଧ କେହି ରିସିଭ୍ କରି ନ ଥିଲେ। ପରେ ପୁଣି ତାଙ୍କ ଆକାଉଣ୍ଟରୁ ୪୯ ହଜାର ୯୦୫ ଟଙ୍କା କଟିଯିବାରୁ ଫୋନ୍ ପେ' କଷ୍ଟମର କେୟାରକୁ କଲ୍ କରି ନିରାଶ ହୋଇଥିଲେ। ଏହିପରି ତାଙ୍କ ଆକାଉଣ୍ଟରୁ ଏକ ଲକ୍ଷ ଟଙ୍କା କଟିଯାଇଥିଲା। ଶେଷରେ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

**ସାଇବର ଠକେଇ**

- ଅନ୍‌ଲାଇନ୍‌ରେ ଖାଦ୍ୟ ମଗାଇଥିଲେ
- ଠକେଇ ଶିକାର ହେଲେ ପୋଲିସ ଇନ୍ସପେକ୍ଟର
- ଟଙ୍କା ପାଇବାକୁ ଯାଇ ମ୍ୟାଡାମ ହରାଇଲେ ଏକ ଲକ୍ଷ

### ଦେବୀଙ୍କ ପୀଠରେ ଷୋଡ଼ଶ ପୂଜା ଆରମ୍ଭ



**କାକଟପୁର,୧୨।୯(ଡି.ଏନ୍.ଏ.)**

କାକଟପୁର ବ୍ଲକ ଅନ୍ତର୍ଗତ ଫଣଫଣା ଗ୍ରାମର ଆରାଧ୍ୟ ଦେବୀ ମା' ତେନ୍ତୁଳେଇ ଓ ଗୋପ ବ୍ଲକ ଅଧୀନ ଆମପଡ଼ା ଗ୍ରାମର ଆରାଧ୍ୟ ଦେବୀ ମା' କ୍ଷେତ୍ରପାଳୀ ପୀଠରେ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଯାଇଛି। ଅଧ୍ୟାପକ ରାଧାଶ୍ୟାମ ପଣ୍ଡା ଓ ତାଙ୍କ ସ୍ତ୍ରୀ ମୀନତୀ ପଣ୍ଡାଙ୍କ ସହଯୋଗରେ ଅନୁଷ୍ଠିତ ପୂଜାରେ ଦେବୀ ଉତ୍‌ଥାପନ ନୀତି ସହ ସହସ୍ର କୁମ୍ଭ ବରଣ ପୂର୍ବକ ସମସ୍ତ ନୀତିକାନ୍ତି ସମାପନ କରାଯାଇଥିଲା। ପ୍ରାଚୀ ଅବବାହିକାରେ ଥିବା ସମସ୍ତ ଶକ୍ତି ପୀଠଗୁଡିକରେ ପାର୍ବଣ ଋତୁ ଅବସରରେ ଷୋଡ଼ଶ ଉପଚାରରେ ପୂଜା ପରମ୍ପରା ଆବାହାନ କାଳରୁ ପ୍ରଚଳିତ ହୋଇଆସୁଛି। ଅଷ୍ଟମୀଠାରୁ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇ ମହାଷ୍ଟମୀ ପର୍ଯ୍ୟନ୍ତ ଚାଲିଥାଏ। ଏ ବର୍ଷ ଯୋଡ଼ା ଆଶ୍ୱିନ ପଡୁଥିବାରୁ ୪୫ ଦିନ ଧରି ଏହି ପୂଜା ଚାଲୁରହିବ।

### ଖୋର୍ଦ୍ଧା, ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ

**ଖୋର୍ଦ୍ଧା ଅଫିସ,୧୨।୯:** ହାତୀ ଦଳାଚକଟାରେ ଖୋର୍ଦ୍ଧା ଓ ଟାଙ୍ଗୀ ଅଞ୍ଚଳର ଏକର ଏକର ଫସଲ ନଷ୍ଟ ହୋଇଥିବା ଗ୍ରାମବାସୀ କହିଛନ୍ତି। ସୂଚନାଯୋଗ୍ୟ, ଚନ୍ଦକାରୁ ଆସିଥିବା ଏକ ହାତୀ ପଲ ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ନାରଗୋଦା ଓ ଟାଙ୍କୋଳ ନିକଟ ଜଙ୍ଗଲରେ ଲୁଚି ରହୁଛନ୍ତି। ସନ୍ଧ୍ୟା ହେଲେ ଗାଁକୁ ମୁହାଁଉଛନ୍ତି। ହାତୀ ଭୟରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଉଭୟ ବନାଞ୍ଚଳ ପକ୍ଷରୁ କର୍ମଚାରୀ ନିକଟ ଜଙ୍ଗଲରେ ଡ୍ୟୁଟି କରୁଥିବା ବେଳେ ହାତୀ ଘୋଉଡ଼ାଇବା ଲାଗି ଆବଶ୍ୟକ ଉପକରଣ ନ ଥିବାରୁ କର୍ମଚାରୀମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଲଘୁଚାପ ଜନିତ ବର୍ଷା ପରେ ବନ୍ୟାଜଳ ମାଡି ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏବେ ହାତୀ ପଲ ଦାଉ ସାଜୁଛନ୍ତି ବୋଲି ଟାଙ୍କୋଳ, ହଜ ଓ ସିକୋରର ଗ୍ରାମବାସୀ କହିଛନ୍ତି। ହାତୀଙ୍କୁ ନିୟନ୍ତ୍ରଣ ଲାଗି ବନ ବିଭାଗର ଅବହେଳାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ସିରିଜ୍ ଦୁର୍ଘଟଣା: ଭାଜପା ଯୁବନେତାଙ୍କ ମୃତ୍ୟୁ

**ବାଲୁଗାଁ,୧୨।୯(ଡି.ଏନ୍.ଏ.)**

୧୬ନଂ. ଜାତୀୟ ରାଜପଥର ବାଲୁଗାଁ ଥାନା ଅଧୀନ ଛତ୍ରଗଡ଼ ଛକଠାରେ ଟ୍ରକ ଡ୍ରାଇଭରଙ୍କ ବେପରୁଆ ଚାଳନା ଯୋଗୁ ଶୁକ୍ରବାର ରାତିରେ ଏକ ସିରିଜ୍ ଦୁର୍ଘଟଣା ଘଟିଛି। ଏଥିରେ ବଡ଼କୁଳ ପାନ୍ଥନିବାସ ରୋଡରେ ରହୁଥିବା ଭାଜପା ଯୁବ ନେତା ଅଶୋକ କୁମାର ସ୍ୱାଇଁଙ୍କ ମୃତ୍ୟୁ ଘଟିଛି। ବ୍ରହ୍ମପୁରର ଜଗନ୍ନାଥ ସାବତ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ମାମଲା (ନଂ.୧୫୮/୨୦)ରୁଜୁ କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଅଶୋକଙ୍କ ବନ୍ଧୁ ତଥା ଗଞ୍ଜାମ ଜିଲ୍ଲା ପୋଲସରା ଅଞ୍ଚଳର ଜଣେ ବ୍ୟକ୍ତି ଭୁବନେଶ୍ୱରରୁ ଘରକୁ ଫେରୁଥିବା ବେଳେ ଛତ୍ରଗଡ଼ ଛକରେ ତାଙ୍କ କାର ଖରାପ ହୋଇଥିଲା। ଏହା ପରେ ସେ ତାଙ୍କ ବନ୍ଧୁ ଅଶୋକଙ୍କୁ ଫୋନ କରି ସହାୟତା ଲୋଡିଥିଲେ। ଅଶୋକ ପହଞ୍ଚି କାରକୁ ବାଲୁଗାଁର ଏକ ଗ୍ୟାରେଜକୁ ଆଣିବା ପାଇଁ ଏକ ପିକ୍‌ଅପ୍ ଭ୍ୟାନର ବ୍ୟବସ୍ଥା କରିଥିଲେ। ଜଗନ୍ନାଥ ଉକ୍ତ ସମୟରେ ବ୍ରହ୍ମପୁର ଅଭିମୁଖେ କାରରେ ଯାଉଥିବାବେଳେ ଅଶୋକଙ୍କ ବନ୍ଧୁଙ୍କୁ ସହାୟତା ପାଇଁ ଅଟକିଥିଲେ। ରାସ୍ତା ପାର୍ଶ୍ୱରେ ୩ଟି ଗାଡି ରହିଥିବା ବେଳେ ସେମାନେ ପରସ୍ପର ମଧ୍ୟରେ କଥା ହେଉଥିଲେ। ହଠାତ୍ ଏକ ଟ୍ରକ୍ ଦ୍ରୁତ ଗତିରେ ଆସି ୩ ଗାଡ଼ିକୁ ଧକ୍କା ଦେଇଥିଲା। ଏଥିରେ କାର ଆଗରେ ଛିଡା ହୋଇଥିବା ଅଶୋକ ଓ ଜଗନ୍ନାଥ ଗୁରୁତର ହୋଇଥିଲେ। ଉଭୟଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଗଞ୍ଜାମର ଖଲ୍ଲିକୋଟ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଶୋକଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**ଜଣେ ଗୁରୁତର, ଡ୍ରାଇଭର ଗିରଫ**




## ପରମହଂସ ମନ୍ଦିର ପରିସରରେ ସଫେଇ କାର୍ଯ୍ୟ

କଟକ ସଦର,(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ ପ୍ରାଚୀନ ଶୈବପୀଠ ପରମହଂସନାଥ ମନ୍ଦିର ପରିସରକୁ ଶନିବାର ସଫା କରାଯିବା ସହ ବିଶୋଧନ କରାଯାଇଛି। ଉତ୍କଳ ବିକାଶ ପରିଷଦର ସଭାପତି ଇଂ.ପ୍ରକାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ମନ୍ଦିର ପରିସରରେ ଥିବା ଅନାବନା ଗଛଗୁଡ଼ିକୁ କାଟିବା ସହ କରୋନା ମୁକ୍ତ ପାଇଁ ବିଶୋଧନ ସିଞ୍ଚନ କରାଯାଇଥିଲା। ଏଥିରେ ସ୍ୱେଚ୍ଛାସେବୀ ସ୍ମିତିରଞ୍ଜନ ଦାସ, ଚକ୍ରବର୍ତ୍ତୀ ଓତା, ନିରଞ୍ଜନ ରାଉଳ, ବାବୁଲି ପାତ୍ର, ସୁରେଶ ଜେନା, ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### କୋଭିଡ୍ ହସ୍ପିଟାଲରେ ଅବ୍ୟବସ୍ଥା
### ସୋସିଆଲ ମିଡିଆରେ ଜଣାଇଲେ ସଂକ୍ରମିତ

**ପୁରୀ ଅଫିସ,୧୨।୯:** କରୋନା ସଂକ୍ରମିତଙ୍କ ସୁଲଭ ଚିକିତ୍ସା କରିବା ପାଇଁ ରାଜ୍ୟ ସରକାର କୋଭିଡ ହସ୍ପିଟାଲଗୁଡ଼ିକୁ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛନ୍ତି। ଆକ୍ରାନ୍ତଙ୍କ ଯତ୍ନବାନ ଓ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ କୁହାଯାଇଥିଲେ ମଧ୍ୟ ଏଥିରେ ଅବହେଳା ହେଉଥିବା ବାରମ୍ବାର ଖବର ଆସୁଛି। ପୁରୀ ଜିଲାର ଏକ କୋଭିଡ ହସ୍ପିଟାଲରେ ଅବ୍ୟବସ୍ଥା ହୋଇଥିବାବେଳେ କରୋନା ସଂକ୍ରମିତଙ୍କ ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ସଂକ୍ରମିତ କୌଣସି ବିଷୟରେ ପଚାରିଲେ କଥା କେହି ଶୁଣୁନାହାନ୍ତି। ଏ ନେଇ ଶନିବାର ଜଣେ ଗଣମାଧ୍ୟମ ପ୍ରତିନିଧି ସୋସିଆଲ ମିଡିଆରେ ଅବ୍ୟବସ୍ଥା ସମ୍ପର୍କରେ ଜଣାଇବା ପରେ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏକ ଛାପା ଗଣମାଧ୍ୟମର ଜଣେ ପ୍ରତିନିଧି କରୋନା ସଂକ୍ରମିତ ହେବା ପରେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଆଯାଇଥିବା ହୋଟେଲ ରକ୍ ବେ'ରେ ତାଙ୍କୁ ରଖାଯାଇ ଚିକିତ୍ସା ଚାଲିଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଆଇଡିଏଚ୍ ପରିସର କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କିନ୍ତୁ ସେଠାରେ ଚିକିତ୍ସା ସେବା ଠିକ୍ ଭାବେ ମିଳୁ ନ ଥିବା ନେଇ ସେ ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି। ଶୁକ୍ରବାର ଗରମ ପାଣି ପଡି ତାଙ୍କ ଗୋଡ଼ରେ ଫୋଟକା ହୋଇଯାଇଛି। ଏକାଧିକବାର ଜଣାଇଥିଲେ ବି କେହି ତାଙ୍କ ପାଖକୁ ଆସୁନାହାନ୍ତି କି ଶୁଣୁନାହାନ୍ତି। ସେହିପରି ଔଷଧ ଠିକ୍ ଭାବେ ଦିଆଯାଉ ନାହିଁ। ଯଦି ବି କାହାକୁ କିଛି କହିଲେ ସେଠାରେ ଥିବା କର୍ମଚାରୀ କହୁଛନ୍ତି ଏଇଟା ଘରୋଇ ହସ୍ପିଟାଲ ନୁହେଁ, ସରକାରୀ ହସ୍ପିଟାଲରେ ଏମିତି ହୁଏ। ଏହି ଘଟଣା ଜଣାପଡ଼ିବା ପରେ ଚାରିଆଡ଼େ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ଜିଲା ପ୍ରଶାସନିକ ଅଧିକାରୀ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଇଥିଲେ। ପରେ ଏଥିପ୍ରତି ଗୁରୁତ୍ୱ ଦିଆଯାଇ ସମ୍ପୃକ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି।

### ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

**ଭୁବନେଶ୍ୱର,୧୨।୯(ବ୍ୟୁରୋ):** ବିଶ୍ୱରେ ପ୍ରତିଦିନ ଚିକିତ୍ସା ଅଭାବରୁ ବହୁ ଲୋକଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହେଉଛି। ସଚେତନତା ପାଇଁ ସେପ୍ଟେମ୍ବର ୧୨ ତାରିଖକୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଭାବେ ପାଳନ କରାଯାଇ ଆସୁଛି। ରାଜ୍ୟ ସେଣ୍ଟଜନ ଆମ୍ବୁଲାନ୍ସ ଆନୁକୂଲ୍ୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଶନିବାର ଏହାର ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସେଣ୍ଟ ଜନ୍ ଆମ୍ବୁଲାନ୍ସର ଅବୈତନିକ ସମ୍ପାଦକ ସନତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ସମସ୍ତଙ୍କ ଜୀବନ ରକ୍ଷା ପାଇଁ ଚିକିତ୍ସା' ଶୀର୍ଷକ ଆଲୋଚନା ଚକ୍ରରେ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ମୁଖ୍ୟ ଅତିଥି, ଅତିରିକ୍ତ କମିଶନର କାଳୀ ପ୍ରସାଦ ମିଶ୍ର, ସଂସ୍ଥାର ଯୁଗ୍ମ ସଚିବ ଉଦ୍ଧବ ଚରଣ କର ପ୍ରମୁଖ ଯୋଗ ଦେଇ ପ୍ରାଥମିକ ଚିକିତ୍ସା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କୃତୀ ପ୍ରାଥମିକ ଚିକିତ୍ସକମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅପରାହ୍ନରେ ରାଜଭବନଠାରେ ରାଜ୍ୟପାଳ ଗଣେଶୀ ଲାଲ ସେଣ୍ଟ ଜନ୍ ଆମ୍ବୁଲାନ୍ସର ୱେବ୍‌ସାଇଟ ଲୋକାର୍ପିତ କରିଥିଲେ।

### ଘରେ ହେବନି ଠାକୁରାଣୀଙ୍କ ପୂଜା
### ଏଥର ନିରାଡ଼ମ୍ବରରେ ହେବ ଖୋଳପୁଅ ମା' ପୂଜା

**କଟକ ଅଫିସ, ୧୨।୯:** କଟକରେ ନିରାଡ଼ମ୍ବରରେ ହେବ ଖୋଳପୁଅ ମା' ପୂଜା। ଅନ୍ୟ ଲୋକମାନେ ଦୁର୍ଗାପୂଜାରେ ବ୍ୟସ୍ତଥିବାବେଳେ କଟକର ବିଭିନ୍ନ ଅଞ୍ଚଳରେ ତେଲୁଗୁ ସମ୍ପ୍ରଦାୟର ଲୋକେ ଖୋଳପୁଅ ମା'ଙ୍କୁ ପୂଜା କରିଥାନ୍ତି। ଚଳିତବର୍ଷ କରୋନା ଯୋଗ ଏହି ପୂଜାକୁ ନିରାଡ଼ମ୍ବରରେ ଭାବେ ପାଳନ କରାଯିବ। ପୂର୍ବରୁ ଘରେ ଠାକୁରାଣୀଙ୍କ ପୂଜା କରାଯାଉଥିଲା। ଚଳିତବର୍ଷ ଏହାକୁ ବାରଣ କରାଯାଇଛି। ଶୋଭାଯାତ୍ରା କିମ୍ବା ସାଜସଜ୍ଜା ହେବନି ବୋଲି କଟକ ଖୋଳପୁଅ ମା' ପୂଜା କମିଟିର ସମ୍ପାଦକ ଏମ.ଅପ୍ପୁ ରାଓ କହିଛନ୍ତି। ୧୨ ସାହିର ପୂଜା କମିଟିର ସଦସ୍ୟମାନେ ମହାନଦୀ ଏବଂ କାଠଯୋଡି ନଦୀରୁ ଘଟ ତିଆରି କରି ପିଲିଗ୍ରିମ ରୋଡସ୍ଥିତ ମା' ମଣ୍ଡପକୁ ଆଣିଥିଲେ। ୩ ଦିନର ପୂଜାର୍ଚ୍ଚନା ପରେ କଲେଜ ଛକସ୍ଥିତ ପିଲିଗ୍ରିମ ରୋଡଠାରେ ଥିବା ମା'ଙ୍କ ସ୍ଥାୟୀ ମଣ୍ଡପରେ ବିସର୍ଜନ କରାଯିବ ବୋଲି ସମ୍ପାଦକ ରାଓ କହିଛନ୍ତି।

# ଖୋଲିଲା ବ୍ଲୁ ଫ୍ଲାଗ୍ ବେଳାଭୂମି

ପୁରୀ ଅଫିସ, ୧୨।୯



ପର୍ଯ୍ୟଟକଙ୍କ ପାଇଁ ଖୋଲିଛି ବ୍ଲୁ ଫ୍ଲାଗ ବେଳାଭୂମି। ଶନିବାରଠାରୁ ପର୍ଯ୍ୟଟକମାନେ ଟିକେଟ୍ କାଟି ଏହି ପାଇଲଟ୍ ବ୍ଲୁ ଫ୍ଲାଗ ବେଳାଭୂମି ବୁଲିଛନ୍ତି। ଅନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର ପୁରୀକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସାମିଲ କରିବା ପାଇଁ ଏହି ବ୍ଲୁ ଫ୍ଲାଗ ବିଚ୍ କରାଯାଇଛି। ଫଳରେ ଓଡ଼ିଶା ପର୍ଯ୍ୟଟନ ବିକାଶରେ ଆଉ ପାଦେ ଆଗକୁ ବଢ଼ିଛି।

ପ୍ରଥମ ଦିନରେ ପର୍ଯ୍ୟଟକ ବିଭିନ୍ନ ଶ୍ରେଣୀର ଟିକେଟ୍ କାଟିଛନ୍ତି। ବିଶେଷକରି ୨୦ ଟଙ୍କିଆ ଟିକେଟ ଅଧିକ କାଟିଥିବା ଜଣାପଡିଛି। ତେବେ ପ୍ରବେଶ ଦେୟ ଭିନ୍ନ ଭିନ୍ନ ରହିଛି। ଲୋକାଲ ଲୋକଙ୍କ ପାଇଁ ମାସିକିଆ ପାସ୍ ଦର ୩୦୦ ଟଙ୍କା ରଖାଯାଇଛି, ଯାହା ଦିନକୁ ଥରେ ୩ ଘଣ୍ଟା ପାଇଁ ଯାଇପାରିବେ। ସେହିପରି ୨୦ ଟଙ୍କା ଦେଇ ଦିନକୁ ଥରେ ୩ ଘଣ୍ଟା ପାଇଁ, ଦିନକୁ ଲୋକାଲ ଲୋକଙ୍କୁ ୫୦ଟଙ୍କା ଏବଂ ପର୍ଯ୍ୟଟକଙ୍କୁ ୧୦୦ ଟଙ୍କା ପ୍ରବେଶ ଶୁଳ୍କ ଦେବାକୁ ଧାର୍ଯ୍ୟ ହୋଇଛି।

ସୋସାଇଟି ଅଫ୍ ଇଣ୍ଟିଗ୍ରେଟେଡ଼ କୋଷ୍ଟାଲ ମ୍ୟାନେଜମେଣ୍ଟ ଏବଂ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପୁରୀକୁ ପାଇଲଟ୍ ବ୍ଲୁ ଫ୍ଲାଗ ବିଚ୍ ଭାବେ ଚିହ୍ନଟ କରାଯାଇଛି। ପୁରୀ ବେଳାଭୂମିରେ ସ୍ୱଚ୍ଛତା, ସବୁଜିମା, ବସିବା ପାଇଁ ଛତ୍ରୀ, ବାଥ୍ ଜୋନ, ଅତ୍ୟାଧୁନିକ ଶୌଚାଳୟ ସୁବିଧା, ପାନୀୟଜଳ, ପାର୍କିଂ ଓ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ସେହିପରି ବିଶୁଦ୍ଧ ପାନୀୟଜଳ, ୱାଚ୍ ଟାୱାର ସହ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସିସିଟିଭି, ଲାଇଫ୍‌ଗାର୍ଡ ଓ ସୁରକ୍ଷା କର୍ମୀଙ୍କୁ ମଧ୍ୟ ମୁତୟନ କରାଯାଇଛି।

ସୂଚନାଥାଉ କି, ଗାନ୍ଧୀଘାଟଠାରୁ ହୋଟେଲ ମେ ଫେୟାର ପର୍ଯ୍ୟନ୍ତ ୮୭୦ ମିଟର ବେଳାଭୂମିକୁ ବ୍ଲୁ ଫ୍ଲାଗ ବିଚ୍ ପାଇଁ ଚିହ୍ନଟ କରାଯାଇ ଏହାର ବିକାଶ କରାଯାଇଛି। ପର୍ଯ୍ୟଟକଙ୍କୁ ଅନ୍ତର୍ଜାତୀୟ ସୁବିଧା ପ୍ରଦାନ ଲକ୍ଷ୍ୟ ନେଇ ଏଠାରେ ପରିବେଶ ଅନୁକୂଳଭିତ୍ତିକ ନିର୍ମାଣ ହୋଇଛି।

# ବୈଦ୍ୟୁତିକ ଗଣମାଧ୍ୟମ କର୍ମଚାରୀଙ୍କ ଆଗୁଆ ଜାମିନ ଆବେଦନ

ଭୁବନେଶ୍ୱର,୧୨।୯ (ବ୍ୟୁରୋ)

**ନାବାଳିକା ଗଣବଳାତ୍କାର ମାମଲା**

ରାଜଧାନୀରେ ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ପୋଲିସ ମାମଲା ରୁଜୁ କରି ବସିପଡ଼ିଛି। ଅଭିଯୁକ୍ତମାନଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରିବା ପାଇଁ ରାଜ୍ୟ ଶିଶୁ ଅଧିକାର କମିଶନ କମିଶନରେଟ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ୪୮ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସର କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଶେଷରେ ଗିରଫ ଭୟରେ ଏହି ମାମଲାରେ ଅଭିଯୁକ୍ତ ଥିବା ଏକ ବୈଦ୍ୟୁତିକ ଗଣମାଧ୍ୟମର ୨ କର୍ମଚାରୀ ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିବା ଜଣାପଡିଛି। କୋର୍ଟ ତାଙ୍କର ଏହି ଆବେଦନ ଆଧାରରେ ଜାମିନ ଦେଉଛନ୍ତି କି ନାହିଁ ତାହା ଆଗାମୀ ଦିନରେ ଜଣାପଡିବ। ଅନ୍ୟପଟେ ନାବାଳିକା ମା' ଏବଂ ଉକ୍ତ ଘରୋଇ ଟିଭି ଚ୍ୟାନେଲର ମୁଖ୍ୟଙ୍କ ଏକ ଅଡିଓ ଭାଇରାଲ ହୋଇଛି। ଅଡିଓରେ ପୀଡ଼ିତାଙ୍କ ମା' ନିଜ ଦୁଃଖ କଥା କହୁଥିବା ବେଳେ ଅନ୍ୟପକ୍ଷେ ମାଲିକ କ'ଣ ହୋଇଛି ବୁଝିବା କଥା କହୁଛନ୍ତି। ତେଣୁ ଏହି ଅଡ଼ିଓରେ କିଏ ସତ କହୁଛି ତାହା ଜାଣିବା ସମସ୍ୟା ହୋଇପଡ଼ିଛି। ସେହିଭଳି ପୋଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ନାବାଳିକାଙ୍କୁ ପଚରାଉଚରା କରିବା ସହ ସେମାନଙ୍କର ଫଟୋ ଦେଖାଇଛନ୍ତି। ଏପରିକି ନାବାଳିକା ସେମାନଙ୍କୁ ଚିହ୍ନଟ କରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଇନ୍‌ଫୋସିଟି ଥାନା ଅଞ୍ଚଳରେ ରହୁଥିବା ନାବାଳିକାଙ୍କୁ ଲକ୍‌ଡାଉନ୍ ସମୟରେ ଘରେ ପଶି ଗଣବଳାତ୍କାର କରାଯାଇଥିଲା। ଏପରିକି ଏକ ବୈଦ୍ୟୁତିକ ଗଣମାଧ୍ୟମର ୨ଜଣ କର୍ମଚାରୀ, ଜଣେ ପୋଲିସ ଏବଂ ତା'ର ସହଯୋଗୀ ସମ୍ପୃକ୍ତ ରହିଛନ୍ତି। ଏ ନେଇ ଗତ ମାସ ୩୦ତାରିଖରେ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ-୪୪/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଯୁବକଙ୍କୁ ହତ୍ୟା ମାମଲା: ଆଉ ୫ ଗିରଫ

କଟକ ଅଫିସ,୧୨।୯

**ମଦ ବିକ୍ରିକୁ ବିରୋଧ କରିବାରୁ ଘଟିଥିଲା ହତ୍ୟାକାଣ୍ଡ**

ଚୌଦ୍ୱାର ଥାନା ଟିପିଏମ୍ ଫାଣ୍ଡି ଅଧୀନ ବାଣିପଦା ପଞ୍ଚାୟତ ହରିଜନ ସାହିରେ ବେଆଇନ ମଦ ବିକ୍ରିକୁ ବିରୋଧ କରିବାରୁ ସରୋଜ ସାମଲ(୩୨)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଶନିବାର ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଅନୀଲ ସାମଲ, ହାକିମ ସାମଲ, ରାଜେନ୍ଦ୍ର ସାମଲ, ସାଗର ସାମଲ ଓ ଅନସୂୟା ସାମଲ। ପୂର୍ବରୁ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ରାଜେନ୍ଦ୍ର। ତେବେ ଘଟଣାରେ ସମ୍ପୃକ୍ତ ଥିବା ଆଉ ଜଣଙ୍କୁ ଗିରଫ କରାଯିବା ପାଇଁ ଚଢାଉ ଜାରି ରହିଛି ବୋଲି ଡିସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବାଣିପଦା ପଞ୍ଚାୟତର ହରିଜନ ସାହିରେ ରାଜେନ୍ଦ୍ର ଚୋରାରେ ମଦ ବିକ୍ରି କରୁଥିଲେ। ଏଥିରେ ତାଙ୍କ ସହଯୋଗୀମାନେ ସହଯୋଗ କରୁଥିଲେ। ଗତ ୨ ତାରିଖରେ ସରୋଜଙ୍କ ପରିବାର ଲୋକଙ୍କ ସହ ଗ୍ରାମର ଅନ୍ୟ ମହିଳାମାନେ ଟିପିଏମ୍ ଫାଣ୍ଡିରେ ଏ ସମ୍ପର୍କରେ ଅଭିଯୋଗ କରି ଫେରୁଥିଲେ। ସେହି ସମୟରେ ରାଜେନ୍ଦ୍ର ଓ ତାଙ୍କ ସହଯୋଗୀମାନେ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ସରୋଜ ସେଠାରେ ପହଞ୍ଚି ମଦ ବିକ୍ରିକୁ ବିରୋଧ କରିବା ସହ ମହିଳାମାନଙ୍କୁ ସମର୍ଥନ କରିଥିଲେ। ଫଳରେ ସରୋଜ ମଦ ବିକ୍ରେତାଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଘଟଣା ଦିନ ରାତିରେ ରାଜେନ୍ଦ୍ର ଓ ତାଙ୍କ ସହଯୋଗୀମାନେ ସରୋଜଙ୍କୁ ଘରୁ ଡାକି ଆଣି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସରୋଜ ଅଚେତ ହୋଇଯିବା ପରେ ସେମାନେ ଫେରାର ହୋଇଯାଇଥିଲେ। ପରେ ଚିକିତ୍ସା ଲାଗି ସରୋଜଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସରୋଜଙ୍କ ସ୍ତ୍ରୀ ଲକ୍ଷ୍ମୀ ଚୌଦ୍ୱାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୪୦୫/୨୦) ରୁଜୁ କରି ତଦନ୍ତ ଚଳାଇଛି।

# ଆଇଆଇଟି ବମ୍ବେରେ ପଢ଼ିବାକୁ ଲକ୍ଷ୍ୟ

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

**ଜେଇଇ ମେନ୍‌ର ଦୁଇ ଓଡ଼ିଶା ଟପ୍ପରଙ୍କ ମୁହଁରୁ**


ସୌରଭ ସୌମ୍ୟକାନ୍ତ ଦାଶ


ସ୍ମିତିପ୍ରଜ୍ଞା ସାହୁ

ଜେଇଇ ମେନ୍ ପରୀକ୍ଷାରେ ଓଡ଼ିଶାର ସୌରଭ ସୌମ୍ୟକାନ୍ତ ଦାଶ ରାଜ୍ୟ ଟପ୍ପର ହୋଇଛନ୍ତି। ସେ ୯୯.୯୯ ପର୍ସେଣ୍ଟାଇଲ ରଖିବା ସହିତ ସର୍ବଭାରତୀୟ ସ୍ତରରେ ୧୨୮ ର୍‍ୟାଙ୍କ ହାସଲ କରିଛନ୍ତି। ନିଜର ସଫଳତାକୁ ନେଇ ସୌରଭ କହିଛନ୍ତି, କମ୍ପିଟିଶନ ବହୁତ ଟପ୍ ଥିଲା। ନିଜ ପାଠପଢ଼ାକୁ ଛାଡ଼ିଦେଲେ କେବଳ ଜେଇଇ ମେନ୍ ପାଇଁ ଏକ୍ସଟ୍ରା ୩ରୁ ୪ଘଣ୍ଟା ପାଠ ପଢୁଥିଲି। କେତେ ସମୟ ପାଠ ପଢ଼ିବା ଗୁରୁତ୍ୱପୂର୍ଣ୍ଣ ନୁହେଁ, ଯେତିକି ସମୟ ବି ପାଠ ପଢ଼ିବ ସେଥିରେ ପୂରା ମନ ଦେଇ ପଢ଼ିବା ଆବଶ୍ୟକ। ପୂର୍ବବର୍ଷର ପ୍ରଶ୍ନପତ୍ରକୁ ବହୁତ ଶୀଘ୍ର ପ୍ରାକ୍ଟିସ୍ କରିବା ଉଚିତ। ହାତସ୍ପିଡ୍ ଏପରି କରିଥିଲି ଯେପରିକି ପରୀକ୍ଷାରେ ଦିଆଯାଇଥିବା ସମୟରେ ମୁଁ ସବୁ ପ୍ରଶ୍ନର ଉତ୍ତର ଦେଇପାରିବି। ତେବେ ଭଲ ର୍‍ୟାଙ୍କ ପାଇଥିବାରୁ ବହୁତ ଖୁସି ଲାଗୁଛି। ଆଗକୁ ଥିବା ଜେଇଇ ଆଡ଼ଭାନ୍ସଡ ପାଇଁ ଏବେ ପ୍ରସ୍ତୁତ ହେଉଛି। ଜେଇଇ ମେନ୍‌ରେ ଶତ ପ୍ରତିଶତ ନମ୍ବର ରହିନାହିଁ, କିନ୍ତୁ ଜେଇଇ ଆଡ଼ଭାନ୍ସଡରେ ରଖିବା ପାଇଁ ଚେଷ୍ଟାକରିବି। ତେବେ ଆଇଆଇଟି ବମ୍ବେରେ କମ୍ପ୍ୟୁଟର ସାଇନ୍ସ ନେଇ ପଢ଼ିବାକୁ ଲକ୍ଷ୍ୟ ରଖିଥିବା ସୌରଭ କହିଛନ୍ତି।

ସେହିଭଳି ଓଡ଼ିଶାର ସ୍ମିତିପ୍ରଜ୍ଞା ସାହୁ ୯୯.୯୮ ପର୍ସେଣ୍ଟାଇଲ ରଖି ରାଜ୍ୟର ଦ୍ୱିତୀୟ ଟପ୍ପର ହୋଇଛନ୍ତି। ସେ ସର୍ବଭାରତୀୟ ସ୍ତରରେ ୧୮୮ତମ ର୍‍ୟାଙ୍କ ହାସଲ କରିଛନ୍ତି। ଏଥିପାଇଁ ସେ ଖୁସି ବ୍ୟକ୍ତ କରି କହିଛନ୍ତି, ମୋତେ ରସାୟନ ବିଜ୍ଞାନ ଭଲ ଲାଗେ। କିନ୍ତୁ ସବୁ ବିଷୟକୁ ସମାନ ଭାବେ ପଢ଼ିବାକୁ ପଡ଼ିବ। ଜେଇଇ ଆଡ଼ଭାନ୍ସଡ ପାଇଁ ପ୍ରସ୍ତୁତ ହେଉଛି। ଭଲ ର୍‍ୟାଙ୍କ୍ ରହିଲେ ଆଇଆଇଟି ବମ୍ବେରେ ପଢ଼ିବା ପାଇଁ ଲକ୍ଷ୍ୟ ରଖିଛି।

**୨୭ରେ ଜେଇଇ ଆଡ୍‌ଭାନ୍ସଡ୍, ପଞ୍ଜୀକରଣ ଆରମ୍ଭ**

ବହୁ ବିଳମ୍ବରେ କୋଭିଡ୍‌ର ସମସ୍ତ ନିୟମାବଳୀକୁ ପାଳନ କରାଯାଇ ସାରା ଦେଶରେ ଗତ ୧ରୁ ୬ ତାରିଖ ମଧ୍ୟରେ ଜେଇଇ ମେନ୍ ପରୀକ୍ଷା ହୋଇଥିଲା। ସାରା ଦେଶରେ ୨୪ଜଣ ଛାତ୍ରୀଛାତ୍ର ଶତ ପ୍ରତିଶତ ନମ୍ବର ରଖିଥିବାବେଳେ ଓଡ଼ିଶାରୁ ୨୭ହଜାର ଛାତ୍ରୀଛାତ୍ର ର୍‍ୟାଙ୍କ ହାସଲ କରିଥିବା ଜଣାପଡ଼ିଛି। ଆସନ୍ତା ୨୭ ତାରିଖରେ ଜେଇଇ ଆଡ଼ଭାନ୍ସଡ ରହିଛି। ଜେଇଇ ମେନ୍‌ରେ ର୍‍ୟାଙ୍କ୍ ପାଇଥିବା ୨.୫ଲକ୍ଷ ଛାତ୍ରୀଛାତ୍ର ଜେଇଇ ଆଡ଼ଭାନ୍ସଡ ପାଇଁ ଆବେଦନ କରିପାରିବେ। ଶନିବାରଠାରୁ ଏଥିପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି।

# ଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,୧୨।୯(ବ୍ୟୁରୋ)

ଚନ୍ଦ୍ରଶେଖରପୁର ରେଲ୍‌ୱେ କଲୋନୀରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଉଦ୍ଧାର କରିଛି। ସେ ହେଲେ ବ୍ରହ୍ମପୁର ସଦର ବାଲିପଡା ଅଞ୍ଚଳର ବନବିହାରୀ ବିଶୋଇଙ୍କ ସ୍ତ୍ରୀ ଅଞ୍ଜଳି ଜେନା(୨୯)। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ୩୨୨/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଅଞ୍ଜଳିଙ୍କ ସ୍ୱାମୀ ବନବିହାରୀ ରେଲ୍‌ୱେରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରନ୍ତି। ଗତ ଶୁକ୍ରବାର ଦିନ ପ୍ରାୟ ଗୋଟାଏରେ ଅଞ୍ଜଳି ଘର ଭିତରେ ଫ୍ୟାନରେ ପ୍ଲାଷ୍ଟିକ ରସିରେ ଝୁଲୁଥିବାବେଳେ ସ୍ୱାମୀ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ନିଶ୍ଚିନ୍ତକୋଇଲି, ୧୨।୯ (ସ୍ୱ.ପ୍ର.)

କଟକ ଜିଲା ନେମାଳ ଥାନା ବନ୍ଧକାଟିଆ ପଞ୍ଚାୟତ ସୁନ୍ଦରପୁର ଗ୍ରାମର ଭରତ ମଲ୍ଲିକଙ୍କ ସ୍ତ୍ରୀ ମାମା(୨୨)ଙ୍କ ଶନିବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ତାଙ୍କୁ ପୂର୍ବାହ୍ନରେ ଗୁରୁତର ଅବସ୍ଥାରେ ନିଶ୍ଚିନ୍ତକୋଇଲି ମେଡିକାଲକୁ ଅଣାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଡାକ୍ତରଖାନା ପକ୍ଷରୁ ନେମାଳ ଥାନାକୁ ସୂଚନା ଦିଆଯାଇଥିଲା। ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ମାମା ରସିଲଗାଇ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇ ନ ଥିବା ପୋଲିସ କପ୍ରକାଶ କରିଛି।

# ମହାନଦୀ ମଝି ପଠାରେ ହାତୀପଲ

ନରାଜ,୧୨।୯(ଡି.ଏନ.ଏ.)

କଟକ ଜିଲା ଭଗିପୁର ନିକଟ ମହାନଦୀପଠାରେ ଶନିବାର ସକାଳୁ ହାତୀପଲ ଦେଖିବାକୁ ମିଳିଛି। ଶୁକ୍ରବାର ରାତ୍ରିରୁ ଆଠଗଡ ଅଭୟାରଣ୍ୟରୁ ପ୍ରାୟ ୧୫ରୁ ଅଧିକ ହାତୀ ମହାନଦୀ ପାର ହୋଇ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ମଧ୍ୟକୁ ଯିବା ସମୟରେ ସକାଳ ହୋଇଯିବାରୁ ଭଗିପୁର ନିକଟ ମହାନଦୀ ମଧ୍ୟରେ ଥିବା ପଠାରେ ଅଟକି ରହିଛନ୍ତି। ଖବର ପାଇ ଡମପଡା ଅଭୟାରଣ୍ୟ ରେଞ୍ଜ ଅଧିକାରୀ ସଂଗ୍ରାମ କେଶରୀ ମହାନ୍ତି, ଡେପୁଟି ରେଞ୍ଜର ନିରଞ୍ଜନ ମହାପାତ୍ର ଓ ଭଗିପୁର ବନଅଧିକାରୀ ପ୍ରମୋଦ ରାଉତ ମୁଣ୍ଡଳି ବାଆଁରା ନଦୀବନ୍ଧ ଉପରେ ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟରେ ହାତୀମାନଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ପଠା ମଧ୍ୟରେ ବଡବଡ ବୁଦାରେ ହାତୀ ଲୁଚି ଯାଇଥିବାରୁ କେତେ ସଂଖ୍ୟକ ହାତୀ ସେହି ଦଳରେ ଅଛନ୍ତି ତାହା ଜଣାପଡୁନାହିଁ। ହାତୀ ପଲଙ୍କ ମଧ୍ୟରେ ଛୁଆହାତୀ ଥିବା ବନବିଭାଗ ଅନୁମାନ କରୁଛି। ବନବିଭାଗ କର୍ମଚାରୀ ରାସ୍ତା ଉପରେ ରହି ମହାନଦୀ ପଠା ଉପରେ ନଜର ରଖିଛନ୍ତି। ହାତୀ ଦିନରେ ଚଳପ୍ରଚଳ କରୁ ନ ଥିବାରୁ ସନ୍ଧ୍ୟାହେଲେ ସେଠାରୁ ବାହାରି ଚନ୍ଦକା-ଡମପଡା କିମ୍ବା ଆଠଗଡ ଅଭୟାରଣ୍ୟକୁ ଯିବେବୋଲି ବନବିଭାଗ ଅନୁମାନ କରୁଛନ୍ତି। ସୂଚନାଯୋଗ୍ୟ, ହାତୀ ଏହି ରାସ୍ତା ଦେଇ ଚନ୍ଦକା-ଡମପଡା ଓ ଆଠଗଡ ଅଭୟାରଣ୍ୟ ମଧ୍ୟକୁ ଚଳପ୍ରଚଳ ହୋଇଥାନ୍ତି। ମହାନଦୀରେ ଅଧିକ ପାଣି ଓ ନଦୀ ପାର ହେବାରେ ସକାଳ ହୋଇଯିବାରୁ ଏହି ପଠାରେ ରହିଯାଇଛନ୍ତି। ପ୍ରାୟ ସମୟରେ ହାତୀ ମହାନଦୀ ପାର ହୋଇ ଯିବା ସମୟରେ ଏହି ସ୍ଥାନରେ ରହିଥିବା ନଜୀର ମଧ୍ୟ ରହିଛି। ନଦୀବଢି ସମୟରେ ଏହି ସ୍ଥାନରୁ ହତୀ ପାର ହୋଉଥିବା ସମୟରେ ପ୍ରାୟ ୨ କିଲୋମିଟର ଭାସି ଯାଇ ପୁଣି ଜଙ୍ଗଲ ମଧ୍ୟକୁ ଯାଇଥିଲେ। ଖବର ଲେଖା ହେବା ସମୟରେ ହାତୀ ପଠା ମଧ୍ୟରୁ ବାହାରି ନ ଥିଲେ।

# ଜଗନ୍ନାଥ କଲୋନୀରେ ଭାସୁଛି ଆବର୍ଜନା ପାଣି

ପୁରୀ ଅଫିସ,୧୨।୯

ପୁରୀ ପୌରପାଳିକାର ୨୯ ନଂ. ୱାର୍ଡ କୁମୁଦିପାଟଣାର ଜଗନ୍ନାଥ କଲୋନୀରେ ଭାସୁଛି ଆବର୍ଜନା ପାଣି। କଲୋନୀ ରାସ୍ତାରେ ଦୀର୍ଘଦିନ ଧରି ଏହି ପାଣି ଜମି ରହୁଥିବାରୁ ଲୋକେ ନାନା ସମସ୍ୟା ଭୋଗୁଛନ୍ତି। ଲୋକଙ୍କ ଘରୁ ବାହାରୁଥିବା ଆବର୍ଜନା ପାଣି ଏବଂ ବର୍ଷାଜଳ ନିଷ୍କାସନ ପାଇଁ କୌଣସି ଡ୍ରେନ୍ ନାହିଁ। ଫଳରେ ରାସ୍ତାରେ ପାଣି ଜମି ରହୁଛି। ପାଣି ନିଷ୍କାସନ ହେଉ ନ ଥିବାରୁ ଦୀର୍ଘଦିନ ଜମିବା ଫଳରେ ଏଥିରେ ଆବର୍ଜନା ମିଶି ପ୍ରବଳ ଦୁର୍ଗନ୍ଧ ହେଉଛି। କୌଣସି ବିକଳ୍ପ ନ ଥିବାରୁ ଲୋକେ ବାଧ୍ୟ ହୋଇ ଏହି ପାଣିରେ ପଶି ଯା ଆସ କରୁଛନ୍ତି। ଫଳରେ ବିଭିନ୍ନ ପ୍ରକାର ଚର୍ମରୋଗ ଆଶଙ୍କା ରହୁଛି। ଏ ନେଇ କଲୋନୀବାସୀ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ପ୍ରାୟ ୨୦୦ ପରିବାର ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି ବୋଲି କଲୋନୀର ବିଜୟ କୁମାର ମହାପାତ୍ର କହିଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଧ୍ୟାନ ଦେଇ ଡ୍ରେନ୍ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ସେ ନିବେଦନ କରିଛନ୍ତି।


ଜଗନ୍ନାଥ କଲୋନୀରେ ଆବର୍ଜନା ପାଣିରେ ଲୋକେ ଯିବା ଆସିବା କରୁଛନ୍ତି।

# ଭୁବନେଶ୍ୱର: ଲୁଟେରା ଗ୍ୟାଙ୍ଗ୍‌ର ୮ ଗିରଫ

ଭୁବନେଶ୍ୱର,୧୨।୯(ବ୍ୟୁରୋ)

- ୩ ଲକ୍ଷର ସୁନା ଅଳଙ୍କାର, ୨୬ ମୋବାଇଲ ଓ ୫ ବାଇକ ଜବତ
- କମିଶନରେଟ ପୋଲିସ ଅଞ୍ଚଳରେ ଆତଙ୍କ ଖେଳାଉଥିଲେ


ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ଲକ୍‌ଡାଉନ ସମୟରେ ରାଜଧାନୀର ବିଭିନ୍ନ ଥାନାଞ୍ଚଳରେ ଉତ୍ପାତ କରୁଥିବା ଲୁଟେରା ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ସମେତ ୮ଜଣଙ୍କୁ ଗିରଫ କରିଛି କମିଶନରେଟ ପୋଲିସ। ସେମାନଙ୍କ ନିକଟରୁ ୪୫ ଗ୍ରାମ ଓଜନର ୮ଟି ସୁନା ଚେନ, ୨୬ ମୋବାଇଲ ଓ ୫ ବାଇକ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଯଦୁପୁର ଅଞ୍ଚଳରେ ରହୁଥିବା ଗ୍ୟାଙ୍ଗ୍ ମୁଖ୍ୟ ସେକ୍ ଆବିଦ ଓରଫ ଗୋଲ୍‌ଡେନ, ନୟାପଲ୍ଲୀ ଥାନା ସାଲିଆସାହି ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲାର ଜିତେନ୍ଦ୍ର ପ୍ରଧାନ ଓରଫ ରାଜା, ବିଶ୍ୱଜିତ ଦାସ ଓରଫ ରାବଣ, ମିଥୁନ ସମୁଦ୍ର, ମୟୂରଭଞ୍ଜ ଜିଲାର କାଶୀନାଥ ପାତ୍ର ଓରଫ କାଶିଆ, ବିହାର ମୁଙ୍ଗେର ଥାନାଞ୍ଚଳର ଧର୍ମେନ୍ଦ୍ର କୁମାର, ଲକ୍ଷ୍ମୀସାଗର ଥାନା ହଳଦୀ ପଡିଆ ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନାଞ୍ଚଳର ଅଜୟ କୁମାର ମଣ୍ଡଳ ଓ ସଞ୍ଜୟ କୁମାର ଦାସ।

ପୋଲିସ ସୂଚନାନୁସାରେ, ଏମାନେ ଅଲଗା ଅଲଗା ବାଇକରେ ବୁଲି ବଜାର, ରାସ୍ତାଠାରୁ ଆରମ୍ଭ କରି କଲୋନୀରେ ଲୁଟ୍‌ପାଟ କରୁଥିଲେ। ଅଗଷ୍ଟ ୧୦ରେ ଏନ୍-୬ ପ୍ଲଟ ନଂ.୪୪୮ରେ ରହୁଥିବା ଅମୂଲ୍ୟ କୁମାର ସାହୁ ଘର ଅଗଣାରେ ବସି ମୋବାଇଲ ଦେଖୁଥିବାବେଳେ ଗ୍ୟାଙ୍ଗର ୨ଜଣ ସଦସ୍ୟ ଭିତରେ ପଶି ତାହାକୁ ଛଡ଼ାଇ ନେଇଥିଲେ। ଏ ନେଇ ଥନାରେ ଅଭିଯୋଗ ପରେ ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଆରମ୍ଭ କରିଥିଲା। ସେହିପର ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନେ ଗତ ୩ ମାସ ମଧ୍ୟରେ ନୟାପଲ୍ଲୀ ଥାନାଞ୍ଚଳରେ ୫ଟି ଲୁଟ ଓ ଛିନ୍‌ତାଇ ଘଟଣା ଘଟାଇଥିବାବେଳେ ଖଣ୍ଡଗିରି ଥାନାଞ୍ଚଳରେ ୩ଟି ଓ କ୍ୟାପିଟାଲ ଥାନାଞ୍ଚଳରେ ଏକାଧିକ ଲୁଟ୍ କରିଥିବା ସିସିଟିଭି ଫୁଟେଜ ଓ ମୋବାଇଲ ଫୋନ୍ କଲ୍ ଡିଟେଲ୍ସରୁ ଜଣାପଡିଥିଲା। ଏ ନେଇ ନୟାପଲ୍ଲୀ ଥାନା ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଚଢାଉ ଆରମ୍ଭ ହୋଇଥିଲା। ପ୍ରଥମେ ୨ ଅଭିଯୁକ୍ତ ସେକ୍ ଆବିଦ ଓରଫ ଗୋଲ୍‌ଡେନ ଓ ଜିତେନ୍ଦ୍ର ପ୍ରଧାନଙ୍କୁ ଗିରଫ କରାଯିବା ସହ ଲୁଟ୍ ସମୟରେ ବ୍ୟବହୃତ ପଲ୍‌ସର ବାଇକ ଓଡି ୦୨ ବିଏଲ ୧୬୪୨କୁ ପୋଲିସ ଜବତ କରିଥିଲା। ସେମାନଙ୍କୁ ପଚରାଉଚରା ପରେ ପୂରା ଗ୍ୟାଙ୍ଗ୍ ସମ୍ପର୍କରେ ତଥ୍ୟ ହାସଲ କରିଥିଲା ପୋଲିସ ଟିମ୍। ଏହାପରେ ସଂପୃକ୍ତ ଅନ୍ୟ ୫ଜଣଙ୍କ ସହ ଚୋରି ସାମଗ୍ରୀ ବିକ୍ରି ଦାୟିତ୍ୱରେ ଥିବା ମିଥୁନ ଓ ବିହାରର ଧର୍ମେନ୍ଦ୍ରଙ୍କୁ ଗିରଫ କରିଥିଲା। ଏଥିସହ ବିପୁଳ ଚୋରି ସାମଗ୍ରୀ ଜବତ କରାଯାଇଥିଲା। ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ୮ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

